**ଜୟଗୁରୁ**

ଆମେରିକା ସାରସ୍ୱତ ସଂଘର

୭୬୬ତମ ଅଧିବେଶନ ପୂଜା ବିବରଣୀ

ସ୍ଥାନ – ନିଗମ ସ୍ମୃତି ମନ୍ଦିର

ତାରିଖ – ୫-୯-୨୦୨୧

ସମୟ – ସକାଳ ୭:୧୫-୧୧:୪୫ (Eastern Time)

ପାଳିଆ – ବିଶ୍ୱଜିତ୍ ରାୟ ଭାଇ, ସ୍ୱାତୀ ମା' ଓ ଶ୍ରେୟା

ତା ୫-୮-୨୦୨୧ ରିଖ ଶନିବାର ସଂଧ୍ୟା ୭:୦୦ ରୁ ଘ୮:୦୦ ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା । ଏଥିରେ ନିଗମ ଉପଦେଶ ଏବଂ ଲୀଳା ପ୍ରସଙ୍ଗ ତୃତୀୟ ଭାଗ ପୃଷ୍ଠା ୩୨୬ ରୁ ୩୩୭ ପର୍ଯ୍ୟନ୍ତ 'ଢାକା ଗେଣ୍ଡାରିୟା ଅଶ୍ରମର ସମୟର ସ୍ମୃତି' ପ୍ରବନ୍ଧ ପାଠ କରାଯାଇଥିଲା ।

**ସଂଘପୂଜାର ଅଧିବେଶନରେ ଉପସ୍ଥିତ ଭାଇ ଓ ମା' ମାନଙ୍କ ନାମ AMSAS Websiteରେ ଥିବା ଉପସ୍ଥାନ file ଦ୍ରଷ୍ଟବ୍ୟ ।**

## ପ୍ରଥମ ଅଧିବେଶନର ବିବରଣୀ (ସକାଳ-୭:୧୫-୮:୪୫)

ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟପୂଜା ପରେ ଯଥାକ୍ରମେ ଶୁଭେନ୍ଦୁ ଭାଇ ଓ ଅମିତା ମା' 'ତୁମେ ନା ସେ ଦିନ କହିଥିଲ ମୋତେ ଡାକିଲେ ଆସିବ ବୋଲି' ଓ 'ମନ ବୃନ୍ଦାବନେ ବିଜେ କର ପ୍ରେମର ଠାକୁର' ପ୍ରତୀକ୍ଷା ସଙ୍ଗୀତମାନ ଗାନ କରିଥିଲେ । ଏହି ସମୟରେ ଅନ୍ୟ ସବୁ ଭାଇ ଓ ମା'ମାନେ ଟେଲିଫୋନ୍ ମାଧ୍ୟମରେ ଏବଂ ନିଗମ ସ୍ମୃତିମନ୍ଦିରରେ ଉପସ୍ଥିତ ଭାଇ, ମା' ଓ ପିଲାମାନେ ନାଟମନ୍ଦିରରେ ଯୋଗ ଦେଇଥିଲେ । ସକାଳ ୭ଟା ୩୦ ମିନିଟ୍ ସମୟରେ ବିଶ୍ୱଜିତ୍ ରାୟ ଭାଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଭାତୀ ଆରତି ନିବେଦନ କରିଥିଲେ । ଆରତି ପରେ ବନ୍ଦଇ ଗୁରୁ ଚରଣ ଗାନ କରାଯାଇ ସ୍ତୋତ୍ର ବନ୍ଦନା କରାଯାଇଥିଲା । ତା'ପରେ ଜ୍ଞାନ ଭାଇ ପରିଚୟ ପତ୍ର ପାଠ କରାଇବାପରେ କରୋନା ଭୂତାଣୁ ମହାମାରୀ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରାର୍ଥନା, ଆମେରିକା ସାରସ୍ୱତ ସଂଘର ଊନବିଂଶ ବାର୍ଷିକ ଭକ୍ତ ସମ୍ମିଳନୀ, ନୀଳାଚଳ ସାରସ୍ୱତ ସଙ୍ଘର ୭୧ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଓ ନିଗମ ସ୍ମୃତିମନ୍ଦିରରେ ନିୟମିତ ନିତ୍ୟପୂଜାର ସୁବନ୍ଦୋବସ୍ତ ନିମନ୍ତେ ପ୍ରାର୍ଥନା କରାଇଥିଲେ । ତତ୍‌ପରେ ବିଶ୍ୱଜିତ୍ ଭାଇ ସଂଘ-ସେବକ ଷଡବିଂଶ ଭାଗ, ପ୍ରଥମ ସଂଖ୍ୟାରୁ ବନ୍ଦନା, ପ୍ରାର୍ଥନା, ପ୍ରାର୍ଥନାକାରୀଙ୍କ ପ୍ରତି ପାଠ କରିଥିଲେ । ଏଥିରୁ ଶିଖିବାକୁ ମିଳିଥିଲା – ଦେବତାଙ୍କ ନିକଟରେ ପ୍ରାର୍ଥନା କରିବାବେଳେ ତାଙ୍କ ଶକ୍ତିରେ ପୂର୍ଣ୍ଣବିଶ୍ୱାସ ଥିବା ଆବଶ୍ୟକ । ମନରେ ଦୃଢବିଶ୍ୱାସ ସହିତ ଭାବିବାକୁ ହେବ ଯେ ସେ ଆମର ପ୍ରାର୍ଥନା ଶୁଣୁଛନ୍ତି ଓ ଆମକୁ ମଙ୍ଗଳ ପଥରେ ପରିଚାଳିତ କରୁଛନ୍ତି । ମନସ୍ଥିର କରି ଶୁଦ୍ଧ ଭାବରେ ପ୍ରାର୍ଥନା କଲେ ପ୍ରାର୍ଥନା ଶିଘ୍ର ଫଳବତୀ ହୋଇଥାଏ । ଶ୍ରୀଶ୍ରୀଠାକୁର କହିଛନ୍ତି – ଭକ୍ତି ଓ ବିଶ୍ୱାସ ନମିତ୍ତ ପ୍ରାର୍ଥନା କରିବ । ମୋତେ ବିଶ୍ୱାସକଲେ ମୋ ଉପରେ ନିର୍ଭର କଲେ ତୁମେମାନେ ସବୁ ଲାଭ କରିପାରିବ ।

ଏହାପରେ ଶ୍ରୀଶ୍ରୀଗୁରୁଗୀତାରୁ ୩୯ ଶ୍ଳୋକ ସୌମ୍ୟ ଭାଇ ପାଠ କରିଥିଲେ । ତତ୍‌ପରେ ସ୍ୱାତୀ ମା' ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ବାଲ୍ୟଭୋଗ ଗ୍ରହଣ ପାଇଁ ଓ ଭକ୍ତମାନଙ୍କୁ ପ୍ରସାଦ ସେବନ ପାଇଁ ନିମନ୍ତ୍ରଣ କରିଥିଲେ । ସକାଳ ୧୦ଟା ସମୟକୁ ଦ୍ୱିତୀୟ ଅଧିବେଶନ ନିମନ୍ତେ ଶ୍ରୀଶ୍ରୀଠାକୁର ମହାରାଜ ଏବଂ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ନିମନ୍ତ୍ରଣ କରିଥିଲେ । ଏହାପରେ 'ଜୟଗୁରୁ' ନାମ କୀର୍ତ୍ତନ କରାଯାଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଆସନ ବନ୍ଦ କରାଯାଇଥିଲା । ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ବାଲ୍ୟଭୋଗ ନିବେଦନ କରି ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

## ଦ୍ୱିତୀୟ ଅଧିବେଶନର ବିବରଣୀ (ପୂର୍ବାହ୍ଣ ୯:୪୫ ରୁ ୧୧:୪୫)

ଦେବାଷିଶ ଭାଇ 'ଏ ମନ ମନ୍ଦିର ସଜାଇ ରଖି ମୁଁ ବସିଛି ପରାଣସାଇଁ' ଏବଂ ନିହାର ଭାଇ 'ଏସୋ ପ୍ରେମମୟ୍ ନିଗମାନନ୍ଦ ଗୌରବ ରବି କୀର୍ତ୍ତିମାନ୍' ଆବାହନ ସଙ୍ଗୀତମାନ ଗାନ କରିଥିଲେ । ଆବାହନ ଗାନ ସମୟରେ ଅନ୍ୟ ସବୁ ଭାଇ ଓ ମା'ମାନେ ଟେଲିଫୋନ୍ ମାଧ୍ୟମରେ ଓ ନିଗମ ସ୍ମୃତି ମନ୍ଦିରରେ ଉପସ୍ଥିତ ଭାଇ ଓ ମା'ମାନେ ନାଟ ମନ୍ଦିରରେ ଯୋଗ ଦେଇଥିଲେ । 'ଭବବନ୍ଧନ ମୋଚନ' ଗାନ କରାଯାଇ ନିଗମ ସ୍ମୃତି ମନ୍ଦିରରେ ପରଦା ଉନ୍ମୋଚନ କରାଯାଇଥିଲା । ଜ୍ଞାନ ଭାଇ 'ପଦ ବନ୍ଦେ ଗୁରୁଦେବ, ଗାଇ ତବ ଜୟ ହେ' ବନ୍ଦନା ସଙ୍ଗୀତ ଗାନ କଲାପରେ ଅଜିତ୍ ଭାଇ ନିଗମ ଉପଦେଶରୁ ପୃଷ୍ଠା ୬୯ 'ଜ୍ଞାନ- ପ୍ରେମର ମିଳନ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ । ଶ୍ରୀଶ୍ରୀଠାକୁର ଭକ୍ତମାନଙ୍କୁ କହିଛନ୍ତି – ସତ୍, ଚିତ୍, ଆନନ୍ଦ ହିଁ ବ୍ରହ୍ମଙ୍କ ସ୍ୱରୂପ । ଭଗବାନ୍‌ଙ୍କୁ ପରିପୂର୍ଣ୍ଣ ରୂପେ ଉପଲବ୍ଧି କରୁରିବାକୁ ହେଲେ, ତାଙ୍କର ଏହି ତିନୋଟି ଭାବକୁ

ଉପଲବ୍‌ଧି କରିବାକୁ ହେବ । ଏହାପରେ କଳ୍ପନା ମା’ ପୂର୍ବ ସଂଘାଧିବେଶନର ବିବରଣୀ ପାଠ କରିଥିଲେ । ଏହାପରେ ସୁବ୍ରତ୍ ଭାଇ ପ୍ରେମିକ ଗୁରୁ ଗ୍ରନ୍ଥରୁ  ପୃଷ୍ଠା ୨୪୪ ରୁ ୨୪୮ ‘ଅବଧୂତ ଓ ଅନ୍ୟ ସନ୍ନ୍ୟାସୀ’ ପ୍ରବନ୍ଧ ପାଠ କରଥିଲେ । ଅବଧୂତ ସାକ୍ଷାତ୍ ଶିବ ସ୍ୱରୂପ ଏବଂ ଅବଧୂତୀ ସାକ୍ଷାତ୍ ଦେବୀ ଭଗବତୀ ସ୍ୱରୂପା । ଗୃହସ୍ଥମାନେ ସେମାନଙ୍କୁ  ସାକ୍ଷାତ୍ ନାରାୟଣ ଓ ନାରାୟଣୀ ଜ୍ଞାନରେ ପୂଜା ଓ ପ୍ରଣାମ କରିବେ । ତେଣୁ ଦଣ୍ଡୀ ପରମହଂସ ଓ ଅବଧୂତ ପରମହଂସ ମଧ୍ୟରେ କୌଣସି ତଫାତ୍ ନାହିଁ । ସେମାନଙ୍କ ଦର୍ଶନ ମାତ୍ରକେ ଗୃହସ୍ଥ ସର୍ବ ପାପ ବିନିର୍ମୁକ୍ତ ହୋଇଥାନ୍ତି । ବୃନ୍ଦାବନ ଭାଇ ‘ପୁଣ୍ୟ ନଦୀର ଧାରେ ରେ ଜୀବନ-ନଉକା ଚଳେ’ ପ୍ରାର୍ଥନା ସଙ୍ଗୀତ ଗାନ କରିଥିଲେ । ତତ୍‌ପରେ ଭାଇ ଓ ମା’ ମାନେ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ନୂତନ ପରିଚୟ ପତ୍ର ଗ୍ରହଣ କରିଥଲେ ।

ତତ୍‌ପରେ Y.A sessionରେ ସ୍ରୀଜା ‘କଣ୍ଠେ ସେ ସୁର ଦିଅ ମା’ ଦିଅ ମା’ ଗାଇବି ତାଙ୍କରି ନାମ’ ପ୍ରାର୍ଥନା ସଙ୍ଗୀତ ଗାନ କଲାପରେ ମୁନୀ Young Aspirant ମାନଙ୍କ ଉପସ୍ଥାନ ନେଇ ପରିଚାଳନା କରିଥିଲେ । ପିଲାମାନେ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ନୂତନ ପରିଚୟ ପତ୍ର ଗ୍ରହଣ କରିଥଲେ । ସେମାନେ କାହିଁକି ପରିଚୟ ପତ୍ର ଗ୍ରହଣ କରିଛନ୍ତି ଏବଂ ସେଥିରୁ ସେମାନଙ୍କୁ କ’ଣ ଭଲ ଲାଗୁଛି ମତାମତ ଦେଇଥିଲେ ।

ପାଳିଆ ଶ୍ରେୟା, ବିଶ୍ୱଜିତ୍ ରାୟ ଭାଇ ଓ ସ୍ୱାତୀ ମା’ ଭାବବିନିମୟ କରିଥିଲେ । ଶ୍ରୀଶ୍ରୀଠାକୁର ମହାରାଜଙ୍କୁ  ମଧ୍ୟାହ୍ନ ଭୋଗ ଗ୍ରହଣ ପାଇଁ ଓ ଭକ୍ତମାନଙ୍କୁ ପ୍ରସାଦ ସେବନ ପାଇଁ ଏବଂ ନିତ୍ୟ ପୂଜା ସଂଧ୍ୟା ୬.୩୦ ରେ  ଅନୁଷ୍ଠିତ ହେବାପାଇଁ ନିମନ୍ତ୍ରଣ କରାଯାଇଥିଲା । ତତ୍‌ପରେ ଶ୍ରେୟାସୀ ଓ ବିଶ୍ୱରଞ୍ଜନ ଭାଇ ଆସନ୍ତା ସଂଘପୂଜାର ଅଧିବେଶନ ତା୫-୧୬-୨୦୨୧ରିଖ ରବିବାର ସକାଳେ ଅନୁଷ୍ଠିତ ହେବାପାଇଁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ସହିତ ଭକ୍ତ ଭାଇ, ମା’ ଏବଂ ପିଲାମାନଙ୍କୁ  ନିମନ୍ତ୍ରଣ କରିଥିଲେ ।

ବିଶ୍ୱଜିତ୍ ରାୟ ଭାଇ ଆଜିର ପାଳିସେବାରେ ଓ ସେବାରେ ଥିବା ଅନ୍ୟ ଭାଇ ଓ ମା’ମାନଙ୍କ ତରଫରୁ ଶ୍ରୀଶ୍ରୀଠାକୁର ମହାରାଜ ଏବଂ ଉପସ୍ଥିତ ଭକ୍ତମାନଙ୍କ ନିକଟରେ ଜାଣତରେ ବା ଅଜାଣତରେ ହୋଇଥିବା ଦୋଷତ୍ରୁଟି ନିମନ୍ତେ ଶ୍ରୀଶ୍ରୀଠାକୁର ମହାରାଜ ଏବଂ ଉପସ୍ଥିତ ଭକ୍ତମାନଙ୍କ ନିକଟରେ  କ୍ଷମା ପ୍ରାର୍ଥନା କରିଥିଲେ । ପରିଶେଷରେ ‘ଦେବେର ଦୁର୍ଲ୍ଲଭ ତବ ଚରଣ ଯୁଗଲ’ ବିଦାୟ ପ୍ରାର୍ଥନା କରାଯାଇ ‘ଜୟଗୁରୁ’ ନାମ କୀର୍ତ୍ତନ, ପ୍ରଣାମ ପରେ ଆସନ ବନ୍ଦ କରାଯାଇଥିଲା । ଜ୍ଞାନ ଭାଇ ସଂଘସେବୀମାନଙ୍କର ଉପସ୍ଥାନ ନେଇଥିଲେ । ଆମେରିକା ସାରସ୍ୱତ ସଂଘର ଉନବିଂଶ ବାର୍ଷିକ ଭକ୍ତ ସମ୍ମିଳନୀ ଅଗାମୀ ଅଗଷ୍ଟ ୬, ୭, ୮ ରେ ଅନୁଷ୍ଠିତ ହେବାପାଇଁ ଯୋଜନା କରାଇଥିବା ବିଷୟରେ ଜଣାଇ ଦିଆଯାଇଥିଲା । ତତ୍‌ପରେ ଭାଇ ଓ ମା’ମାନେ ‘ଜୟଗୁରୁ’ ପ୍ରୀତିସମ୍ଭାଷଣ ଜ୍ଞାପନ ପୂର୍ବକ ବିଦାୟ ନେଇଥିଲେ । ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ  ମଧ୍ୟାହ୍ନ ଭୋଗ ନିବେଦନ କରି ଉପସ୍ଥିତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
ଶ୍ରେୟା, ସ୍ୱାତୀ ମା’ ଓ ବିଶ୍ୱଜିତ୍ ରାୟ ଭାଇ